ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ନଭେମ୍ବର,୨୦୧୮



ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତାକୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।
- ଟମାସ କାର୍ଲାଇଲ



## ବୋଇତ ବନ୍ଦାଣ ଉତ୍ସବ

ବାଲିପାଟଣା,୨୩।୧୧(ଡି.ଏନ୍.ଏ.)

ଚାରିମୂଳକ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶୁକ୍ରବାର ପ୍ରତ୍ୟୁଷରୁ ବୋଇତ ବନ୍ଦାଣ ଉତ୍ସବ ବନମାଳିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଠାରୁ ସୁସଜ୍ଜିତ ବୋଇତ ଏକ ଶୋଭାଯାତ୍ରାରେ ବାହାରି ବନମାଳିପୁର ବିଭିନ୍ନ ପାଟଣା ଓ ହାଟ ପରିକ୍ରମା କରିଥିଲା। ଏହା ପରେ କୁଶଭଦ୍ରା ନଦୀରେ ପ୍ରାୟ ପ୍ରାତଃ ୫ଟାରେ ସାତ ଜଣ କୁମାରୀ ସାଧବ ବୋହୂ ବେଶରେ ବୋଇତ ବନ୍ଦାପନା କରିବା ପରେ ଭସାଯାଇଥିଲା। ପୂର୍ବାହ୍ନ ୧୦ଟାରେ ତୈଳିକ ସମାଜର ୩୮ତମ ବାର୍ଷିକ ଉତ୍ସବ ବନମାଳିପୁରଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାଚୀମୂଳକ ତୈଳିକ ବୈଶ୍ୟ ସମାଜର ସଭାପତି ଗୁରୁକିଙ୍କର ଜେଠୀଙ୍କ ସଭାପତିତ୍ୱରେ ଚିଲିକା ପୂର୍ବତନ ବିଧାୟକ ରଘୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଷଷ୍ଠ ମୂଳକର ସଭାପତି ବଳରାମ ସାହୁ ଓ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ■ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ

# ଆ କା ମା ବୈରେ କମ୍ପିଲା ବିନ୍ଦୁସାଗର

ପୁରୁଣା ଭୁବନେଶ୍ୱର,୨୩।୧୧(ଡି.ଏନ.ଏ.)

କାର୍ତ୍ତିକ ପୂର୍ଣ୍ଣମୀରେ ଶୁକ୍ରବାର ବୋଇତ ବନ୍ଦାଣରୁ ରାଜଧାନୀବାସୀ ବାଦ୍ ପଡ଼ିନାହାନ୍ତି। ଭୁବନେଶ୍ୱରର ବିଭିନ୍ନ ମନ୍ଦିର ଏବଂ ଜଳାଶ୍ରୟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇ ଓଡ଼ିଆ ସାଧବ ପୁଅମାନଙ୍କର ନୌବାଣିଜ୍ୟକୁ ମନେପକାଇଥିଲେ। ଏକାମ୍ରକ୍ଷେତ୍ରର ବିନ୍ଦୁସାଗରର ଉତ୍ତରେଶ୍ୱର ଘାଟରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କର ଆ,କା,ମା,ବୈରେ ସ୍ଥାନୀୟ ଅଞ୍ଚଳ କମ୍ପି ଉଠିଥିଲା। ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁନି କୁନି କଳାକାରମାନେ ସାଧବ ପୁଅ ବୋହୂ ବେଶ ହୋଇଥିଲେ। ଚଳିତବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏକାମ୍ର ସାଂସ୍କୃତିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଓଡ଼ିଆ ସାହିତ୍ୟିକ ତଥା ନାଟ୍ୟକାର ବିଜୟ କୁମାର ମହାନ୍ତି, ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା, ଦକ୍ଷ ପ୍ରଶାସକ ନବକିଶୋର ଭୁଜବଳ, ତରୁଣ ଆଥଲେଟ ବିଶ୍ୱଜିତ୍ ସ୍ୱାଇଁ, ପୋଲିସ୍ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଏବଂ ମହମ୍ମଦ ଜହିର୍। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ଭୁବନେଶ୍ୱର ମଧ୍ୟ ବିଧାୟକ ବିଜୟ କୁମାର ମହାନ୍ତି, ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଟଣୀ ବିଧାୟକ ଭାଗୀରଥି ବଡ଼ଜେନା, ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ପରିଷଦର ଉପସଭାପତି ସମରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମନୋଜ ବେହେରା, ଡ. ସୁରେଶ ବାରିକ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବୋଇତ ବନ୍ଦାଣ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।





ଲିଙ୍ଗିପୁର ଘାଟଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ।

## କଳିଙ୍ଗଘାଟରେ ବୋଇତ ବନ୍ଦାଣ ଉତ୍ସବ

ଶାନ୍ତିସ୍ତୁପ ଧଉଳି ପାଦଦେଶ ଦୟାନଦୀର କଳିଙ୍ଗଘାଟ ପାଖରେ ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଦି ବୋର୍ଡ଼ ଚେୟାରମ୍ୟାନ ତେଜେଶ୍ୱର ପରିଡ଼ା ଯୋଗ ଦେଇଥିବାବେଳେ ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ଇଟିପୁର ସରପଞ୍ଚ ନର୍ମଦା ଚନ୍ଦ୍ରମା ସାହୁ, ଶିଶୁପାଳଗଡ ସରପଞ୍ଚ ଇତିଶ୍ରୀ ଚମ୍ପତି, ଲିଙ୍ଗିପୁର ସରପଞ୍ଚ ରୀନାରାଣୀ ବେହେରା, ସଂଘମିତ୍ରା ପାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ଣ୍ଣିମା ସାହୁ ଧନ୍ୟବାଦ ଦେଇଥିଲେ।

## ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ

ବାରଙ୍ଗ,୨୩।୧୧(ଡି.ଏନ୍.ଏ.)

ବାରଙ୍ଗ ମହୋତ୍ସବ କମିଟି ପକ୍ଷରୁ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ୨୦୧୮ ଶୁକ୍ରବାର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ଅଜିତ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ଐତିହାସିକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ଭୂପତି ଭୂଷଣ ପାଣି ଧନ୍ୟବାଦ ଦେଇଥିବା ବେଳେ ବାରଙ୍ଗ-ବାଙ୍କୀ ଯୁବକ ସଂଘ ଆବାହକ ତୁଷାର ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାଚୀ ନଦୀ କୂଳରେ ବୋଇତ ବନ୍ଦାଣ ସହ ଚୁଡ଼ଙ୍ଗଗଡ଼ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଉତ୍ସବମୁଖର ମଦନମୋହନଙ୍କ ପୀଠ

ବାଲକାଟୀ,୨୩।୧୧(ଡି.ଏନ୍.ଏ.)

ବାଲକାଟୀସ୍ଥିତ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ପୀଠ ଶୁକ୍ରବାର ଉତ୍ସବ ମୁଖର ହୋଇଉଠିଥିଲା। ମନ୍ଦିର ନିକଟ ଭାର୍ଗବୀ ନଦୀରେ ପ୍ରତ୍ୟୁଷରୁ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସକାଳ ୬ ଟା ୧୫ରେ ସିଦ୍ଧେଶ୍ୱର ମନ୍ଦିରରେ ମଙ୍ଗଳ ଆଳତି, ୬ଟା ୩୦ରେ ଶ୍ରୀଜୀଉଙ୍କ ରାସକୁଞ୍ଜରେ ମଙ୍ଗଳ ଆଳତି, ୭ଟା ୩୦ରେ ସର୍ବସାଧାରଣ ଭୋଗ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଦନ ମୋହନ ୟୁଥ କ୍ଲବ ପକ୍ଷରୁ ଭାର୍ଗବୀ ନଦୀ ପଠାରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଶ୍ରୟକୁ ଇନ୍ଦ୍ରଜିତ୍ ଖୁରାନା ପୁରସ୍କାର

ପୁରୁଣା ଭୁବନେଶ୍ୱର,୨୩।୧୧(ଡି.ଏନ.ଏ.)

ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ଇନ୍ଦ୍ରଜିତ୍ ଖୁରାନା ଜାତୀୟ ପୁରସ୍କାର ଚଳିତବର୍ଷ କଟକର 'ଆଶ୍ରୟ ଦି ସେଲଟର' ଅନୁଷ୍ଠାନକୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପୁରସ୍କାର ବାବଦ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶୁକ୍ରବାର ଶ୍ରୀରାମ ନଗରସ୍ଥିତ ଚାଇଲ୍ଡ ଲାଇନ ପକ୍ଷରୁ ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରୁଚିକାର ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ପ୍ରଫେସର ଡ. ନାରାୟଣ ରାଓ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସ୍ୱର୍ଗତ ଇନ୍ଦ୍ରଜିତ୍ ଖୁରାନାଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ରାମେଶ୍ୱର ପ୍ରସାଦ ଦ୍ୱିବେଦୀ ଏବଂ ହେମନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ।

## ଗୁରୁଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ଦିବସ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ନବଯୁଗ ସାହିତ୍ୟ ପରିଷଦର ଅନ୍ୟତମ ଅଗ୍ରଦୂତ ତଥା ବିଶିଷ୍ଟ ଲେଖକ ଗୁରୁଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ଦିବସ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ବରିଷ୍ଠ କମ୍ୟୁନିଷ୍ଟ ନେତା ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମଏଲ) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସିପିଆଇ ନେତା ଡାକ୍ତର ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଗୁରୁଚରଣଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁରୁଚରଣ ଛାତ୍ର ଜୀବନରୁ ମୁକ୍ତି ଆନ୍ଦୋଳନରେ ଅଗ୍ରଦୂତ ଭୂମିକା ନେବା ସହିତ ୧୯୩୪ରେ କଂଗ୍ରେସ ସୋସାଇଟି ପାର୍ଟି ଗଠନ ଏବଂ ୧୯୩୫ରେ କମ୍ୟୁନିଷ୍ଟ ସେଲ ଗଠନ କରିଥିଲେ ବୋଲି ବକ୍ତାମାନେ କହିଥିଲେ।

## ସ୍କୁଟିକୁ ଧକ୍କା ଦେଲା ଅଟୋ: ୪ ଆହତ

ବାଲିଅନ୍ତା,୨୩।୧୧(ଡି.ଏନ୍.ଏ.)

ବାଲିଅନ୍ତା-ବନମାଳିପୁର ରାସ୍ତାର ପାରିବାସୁଦେଇପୁର ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ସ୍କୁଟିକୁ ଧକ୍କା ଦେବା ଫଳରେ ୪ ସ୍କୁଟି ଆରୋହୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ବାଳିକା ଥିବା ବେଳେ ଆହତମାନଙ୍କ ପରିଚୟ ମିଳିପାରିନାହିଁ। ନିଆଳିରୁ ଏକ ଦମ୍ପତି ସ୍କୁଟିରେ ତାଙ୍କର ୨ ଝିଅଙ୍କ ସହ ମିଶି ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ ଏକ ଯାତ୍ରୀବାହୀ ଅଟୋ ସହି ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

## ଏଟିଏମରୁ ଲୁଟ୍ ଉଦ୍ୟମ ବିଫଳ, ୨ ଗିରଫ

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ଖଣ୍ଡଗିରି ଥାନା ଅଧୀନ ଡେଲ୍ଟା ଛକରେ ଥିବା ଏସବିଆଇ ଏଟିଏମରୁ ଲୁଟ୍ ଉଦ୍ୟମ ବେଳେ ଦୁଇ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଏକ ସ୍କୁଟି (ଓଡି୦୨ଏୟୁ-୭୨୮୬) ଓ ଲୁଟ୍ ପାଇଁ ବ୍ୟବହାର କରୁଥିବା କଟର ଜବତ କରିଛି। ଯୁବକଦ୍ୱୟ ହେଲେ ଡେଲ୍ଟା ଛକ ଅଞ୍ଚଳ ପାଇକନଗରର ରୂପକ ଶତପଥୀ ଓ ସାଗର ପ୍ରଧାନ। ଶୁକ୍ରବାର ରାତି ପ୍ରାୟ ୧୧.୩୦ ମିନିଟ ସମୟରେ ରୂପକ ଓ ସାଗର ଉକ୍ତ ଏଟିଏମକୁ କଟରରେ କାଟି ଲୁଟ୍ କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଏଟିଏମରେ ଲାଗିଥିବା ଆଲାର୍ମ ବାଜିଥିଲା। ସେଠାରେ ପିସିଆର ପୋଲିସ ପହଞ୍ଚି ଉଭୟଙ୍କୁ କାବୁ କରି ନେଇଥିଲା।



ଗିରଫ ଅଭିଯୁକ୍ତ।





ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତାଙ୍କୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।
-ଟମାସ କାର୍ଲାଇଲ



## ସଂକ୍ଷେପରେ

### ନୌକା ବିହାର କେନ୍ଦ୍ର ଉଦ୍‌ଘାଟିତ

**ମାହାଙ୍ଗା,୨୩।୧୧(ସ୍ୱ.ପ୍ର.):** ମାହାଙ୍ଗା ପ୍ରସିଦ୍ଧ ପୁଣ୍ୟତୋୟା ମା'ଜରିଆ ଝିଲ୍ଲୀରେ ମାହାଙ୍ଗା ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିସହ ଏକ ନୌକାବିହାର କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି।ମାହାଙ୍ଗା ସାଇବିହାର ନିକଟ ଜରିଆ ଝିଲ୍ଲୀ ତଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ନୌକାବିହାର କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ଜରିଆ ଝିଲ୍ଲୀର ଚରମ ଘାଟରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିଲେ। ଏଥିରେ ମାହାଙ୍ଗା ସରପଞ୍ଚ ପ୍ରଦୀପ୍ତ ସିଂହ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଭିକାରୀ ଚରଣ ସ୍ୱାଇଁ, ବିବେକାନନ୍ଦ ସାମନ୍ତରାୟ ଓ ହୃଷୀକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବୋଇତ ବନ୍ଦାଣର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ■ ଲୋଭୀଠାକୁରାଣୀଙ୍କ ପୀଠରେ ମୁଣ୍ଡନ ଯାତ୍ରା

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**ତିଗିରିଆ,୨୩।୧୧(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ଗ୍ରାମର ଲୋଭୀଠାକୁରାଣୀଙ୍କ ପୀଠରେ ଶୁକ୍ରବାର ପ୍ରସିଦ୍ଧ ମୁଣ୍ଡନ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଗୁରୁବାର ରାତିରେ ଦେବୀଙ୍କ ମୂଳ ବିଗ୍ରହକୁ ଗ୍ରାମର ଜଣେ ବଣିଆ ସମ୍ପ୍ରଦାୟଙ୍କ ଘରୁ ଅଣାଯିବାପରେ ମନ୍ଦିରରେ ବିରାଜମାନ କରାଯାଇ ସମସ୍ତ ପୂଜା ନୀତି ସମ୍ପନ୍ନ ହୋଇଥିଲା। ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ଦେବୀଙ୍କ ଦର୍ଶନ କରିଥିଲେ। ଏଠାରେ ବର୍ଷ ସାରା ଦେବୀଙ୍କ ଅନ୍ୟଏକ ପ୍ରତିମା ପୂଜା ପାଉଥିଲେ ହେଁ ତାଙ୍କର ଦର୍ଶନ



■ ୧୦ ହଜାର ଶିଶୁଙ୍କ ମୁଣ୍ଡନ

■ କାର୍ତ୍ତିକ ପୂର୍ଣ୍ଣିମା ଦିନ ଦେବୀଙ୍କ ଦର୍ଶନ ଲାଗି ମନ୍ଦିର ଦ୍ୱାର ଉନ୍ମୁକ୍ତ ହୋଇଥାଏ

ସାଧାରଣଙ୍କ ପାଇଁ ବନ୍ଦ ରହିଥାଏ। କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନ ଦେବୀଙ୍କ ଦର୍ଶନ ଲାଗି ମନ୍ଦିର ଦ୍ୱାର ଉନ୍ମୁକ୍ତ ହୋଇଥାଏ। ପୂର୍ଣ୍ଣିମା ଦିନ ସକାଳୁଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ସେମାନଙ୍କ ନବଜାତ ଶିଶୁଙ୍କ ମୁଣ୍ଡନ କରାଇଥିଲେ। ସକାଳୁ ପୀଠ ସଂଯୁକ୍ତ ଚର୍ତୁଦ୍ଦିଗରେ ରହିଥିବା ରାସ୍ତା ଯଥା କଟକ ନରସିଂହପୁର ରାଜ୍ୟ ରାଜପଥର ପଶ୍ଚିମ ଭାଗରେ ପ୍ରାୟ ଦେଢ଼କିମି ଦୂର ପଙ୍କାଳ, ଉତ୍ତର ଦିଗରେ ଗୋପୀନାଥପୁର ଶାସନ ଏବଂ ଦକ୍ଷିଣରେ ବିନ୍ଧାଣିମା ସୁବର୍ଣ୍ଣପୁର ରାସ୍ତାର କୋଇଲକନ୍ୟା, ପୂର୍ବରେ କଳିବିର ଓ କଣ୍ଟିପୁର ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ବାରିକ ବସି ରହି ଶିଶୁମାନଙ୍କ ମୁଣ୍ଡନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ନିୟୋଜିତ ୨ ସେକ୍ସନ ପୁରୁଷ ଓ ମହିଳା ଫୋର୍ସ ଶୃଙ୍ଖଳା ରକ୍ଷା କରିଥିଲେ। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରକାଶ କୁମାର ପାଲ, ତହସିଲଦାର ଇନ୍ଦିରା ସାହୁ ଓ ବିଡିଓ ତପନ କୁମାର ଖୁଣ୍ଟିଆ ପୀଠ ପରିସରରେ ଉପସ୍ଥିତ ଥିଲେ। ବିନ୍ଧାଣିମା ମହାସଂଘ ସମ୍ପାଦକ ଶରତ ରାଉତ, ସଭାପତି ବିଶ୍ୱମ୍ବର ଜେନା, ଉପ ସଭାପତି ବିଜୟ ରାଉତ, ସରପଞ୍ଚ ଅଜିତ ରାଉତ, ସମିତିସଭ୍ୟ ବିଭୂତି ଭୂଷଣ ବେହେରାଙ୍କ ସମେତ କାର୍ତ୍ତିକେଶ୍ୱର ପୂଜା ମହାସଂଘର ଅନ୍ୟ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିନ୍ଧାଣିମାର ଅବସରପ୍ରାପ୍ତ ଶିକ୍ଷକ ଯୋଗୀନାଥ ଦାଶଙ୍କ ଦ୍ୱାରା ରଚିତ ମା'ଲୋଭୀଠାକୁରାଣୀଙ୍କ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ବିଧାୟକଙ୍କୁ ଗାଁକୁ ପୂରାଇଦେଲେନି

**ନରସିଂହପୁର,୨୩।୧୧(ସ୍ୱ.ପ୍ର.)**

ବୋଇତ ବନ୍ଦାଣ ଉତ୍ସବ ସାରି ଫେରୁଥିବାବେଳେ ଶୁକ୍ରବାର ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ତୀବ୍ର ଜନବିରୋଧର ସମ୍ମୁଖୀନ ହେବାକୁ ପଡିଛି। ବଡ଼ମ୍ବା ବ୍ଲକର ବାଲିସାହିଗ୍ରାମବାସୀ ତାଙ୍କୁ ଗାଁ ମଧ୍ୟକୁ ପୂରାଇ ଦେଇନାହାନ୍ତି। ମିଶ୍ର ଗାଁ ଭିତରକୁ ପ୍ରଚାର ଗାଡ଼ି ସହ ଯିବାକୁ ବାହାରୁଥିବାବେଳେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ପ୍ରଚାର ଗାଡ଼ି କିମ୍ବା ବିଧାୟକଙ୍କ ଗାଡି ଗାଁ ଭିତରକୁ ଯାଇପାରି ନ ଥିଲା। ଦୀର୍ଘ ସମୟ ଅଟକି ରହିବା ପରେ ଶେଷରେ ମିଶ୍ର ଗାଁ ଭିତରେ ନ ପଶି ଫେରି ଯାଇଥିଲେ। ସୂଚନା ଅନୁଯାୟୀ, ବାଲିସାହି ଗାଁ ନିକଟରେ ଥିବା ଧନିଆଁ ନାଳ ଉପରେ ଏକ କଲ୍‌ଭର୍ଟ ନିର୍ମାଣ ହୋଇଛି। ସ୍ଥାନୀୟ ଗ୍ରାମ ସମେତ କୋକଳବା, କାଠଖୁଣ୍ଟ ଆଦି ପଞ୍ଚାୟତର ଜନସାଧାରଣଙ୍କ ସୁବିଧା ନିମନ୍ତେ ଏହା ନିର୍ମାଣ କରାଯାଇଥିଲେ ମଧ୍ୟ ଲୋକଙ୍କ କହିବା ସ୍ଥାନରେ ହୋଇନାହିଁ। ଦଳୀୟ କର୍ମୀ ମନଇଚ୍ଛା ଅନ୍ୟ ସ୍ଥାନରେ କଲଭର୍ଟ ନିର୍ମାଣ କରିଛନ୍ତି। ତେଣୁ ଏହାକୁ ବିରୋଧ କରି ଗ୍ରାମବାସୀ ବିଧାୟକ ମିଶ୍ର, ବ୍ଲକ ଅଧ୍ୟକ୍ଷ କିଶୋର ମିଶ୍ର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କେହି ଶୁଣି ନ ଥିଲେ। ଏପରି କି ବ୍ୟସ୍ତ ହୁଅନା, ମୁଁ ଶୁଭ ଦେଲାପରେ କଲ୍‌ଭର୍ଟ କାମ ଆରମ୍ଭ ହେବ ବୋଲି ବିଧାୟକ ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଥିଲେ। ହେଲେ ତାଙ୍କ କଥା ରହିଲା ନାହିଁ। ଫଳରେ ଅନାବଶ୍ୟକ ସ୍ଥାନରେ କଲ୍‌ଭର୍ଟ ନିର୍ମାଣ କରାଗଲା, ଯାହାକୁ ନେଇ ସେତେବେଳେ ଗ୍ରାମବସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ତେଣୁ ବିଧାୟକ ମିଶ୍ର ବାଲିପୁଟରୁ ବୋଇତ ବନ୍ଦାଣ ସାରି ଫେରୁଥିବାବେଳେ ଗ୍ରାମବାସୀ ବିରୋଧ କଲେ ବୋଲି ଗାଁ ସଭାପତି ସୁଧାକର ପାତ୍ର, ସଭ୍ୟ ପ୍ରମୋଦ ପାତ୍ର ପ୍ରମୁଖ କହିଛନ୍ତି। ସ୍ଥାନୀୟ ସମିତିସଭ୍ୟ ଶକ୍ତି ପ୍ରସାଦ ମିଶ୍ର ବିରୋଧ କରାଯିବା ଘଟଣାକୁ ଖଣ୍ଡନ କରିଛନ୍ତି, ସେ କହିଛନ୍ତି, ଗାଁ ଭିତରେ ଲୋକେ ଭୋଜିଖାଉଥିବାରୁ ଆମେ ଫେରି ଆସିଲୁ। ଏ ସମ୍ପର୍କରେ ବିଧାୟକ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସରିଲା କାର୍ତ୍ତିକେଶ୍ୱର ମହୋତ୍ସବ

**ବାଙ୍କୀ,୨୩।୧୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅଧୀନ ରଗଡ଼ି ଗ୍ରାମର ଶ୍ରୀମହିମାମଣିଙ୍କ ପୀଠ ଗୁଣ୍ଡିଚା ପଡ଼ିଆରେ ଚାଲିଥିବା କାର୍ତ୍ତିକେଶ୍ୱର ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ ରଗଡ଼ିର କଳା, ସାହିତ୍ୟ, ସଂସ୍କୃତି ସହିତ ପୂଜ୍ୟପୂଜାର ଏହି ମହାନ ପରମ୍ପରା ନିଶ୍ଚିତଭାବେ ସମସ୍ତଙ୍କୁ ଉଦ୍‌ଭୁଦ୍ଧ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ବାଙ୍କୀ ବାରଙ୍ଗ ଯୁବକ ସଂଘ ଆବାହକ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସରୋଜ ମତଗଜସିଂ ଓ ଅନୁଷ୍ଠାନ ଉପସଭାପତି ସୁଶ୍ରୀ ପ୍ରତିମା ବେହେରା ଯୋଗଦେଇ ମହୋତ୍ସବକୁ ସ୍ୱାଗତ କରିବା ସହିତ ଏ ଅଞ୍ଚଳ ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ମହୋତ୍ସବ କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଖଗେଶ୍ୱର ସେଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ରଣା ପରିଚୟ ପ୍ରଦାନ କରିଥିଲେ। ପରେ ଉତ୍ସବରେ ରଗଡ଼ିର ସର୍ବୋଚ୍ଚ ମହିମାମଣି ସମ୍ମାନରେ ବିଶିଷ୍ଟ ବେହେଲାବାଦକ ପର୍ଶୁରାମ ରାଉତ, ବାଙ୍କୀର ପରିବେଶବିତ୍ ଗୌତମ ମିଶ୍ର, ରଗଡ଼ିର କ୍ରୀଡାବିତ୍ ସୁଜାତା ମହାପାତ୍ର, ବାରଙ୍ଗର ପରିବେଶବିତ୍ ପ୍ରେମାନନ୍ଦ ସାହୁ, ବସନ୍ତ ମହାପାତ୍ର, ଦଶମ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ରଗଡ଼ିର ସମ୍ବିତ ମହାପାତ୍ର ଏବଂ ଯୁକ୍ତ ୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିକ୍ଷା ମହାପାତ୍ରଙ୍କୁ ମୁଖ୍ୟଅତିଥି ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ସୂର୍ଯ୍ୟନାରାୟଣ ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ



ବାଙ୍କୀ ବୈଦେଶ୍ୱର ଘାଟରେ ହୋଇଥିବା ବୋଇତ ବନ୍ଦାଣ ଉତ୍ସବ।

**ନରସିଂହପୁର,୨୩।୧୧(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ବାଲିପୁଟ ମହାନଦୀ କୂଳରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଅତୀତର ସାଧବ ପୁଅ ମାନଙ୍କ ଜଳପଥର ଯାତ୍ରା ଓ ବଣିଜର ସ୍ମୃତିକୁ ମନେରଖିବା ସହ ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। କମଳାଡିହ ଚିନ୍ତାମଣୀ ବିଦ୍ୟାପୀଠ ଛାତ୍ରୀଛାତ୍ର ସାଧବ ପୁଅ ଓ ବୋହୂ ବେଶରେ ସଜ୍ଜିତ ହୋଇ ଏକ ଡଙ୍ଗାରେ ମହାନଦୀ ଭ୍ରମଣ କରିଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଉପାଧ୍ୟକ୍ଷ ସୁନିତା ସ୍ୱାଇଁ, ଜିଲାପରିଷଦ ସଭ୍ୟ ନିର୍ମଳ ଜେନା ଓ ସ୍ଥାନୀୟ ଗ୍ରାମ ମୁଖିଆ ଅତିଥିଭାବେ ଯୋଗ ଦେଇଥିଲେ।

**ସାଲେପୁର,(ଡି.ଏନ.ଏ.):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସାଲେପୁର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁ ବିଭିନ୍ନ ନଦୀ ଓ କେନାଲରେ ଡଙ୍ଗା ଭସାଇବା ପରେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଅଞ୍ଚଳର ବିଶେଶ୍ୱର ଶିବ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ଚିତ୍ରୋତ୍ପଳା ନଦୀରେ ସ୍ନାନ କରିବା ସହ ଡଙ୍ଗା ଭସାଇଥିଲେ। ଏହାପରେ ଠାକୁରଙ୍କ ଦର୍ଶନ କରିଥିଲେ। ବୋଦାମୁଣ୍ଡାଇସ୍ଥିତ ୬ନଂ କେନାଲ ପାଖରେ ପ୍ରତିଷ୍ଠିତ ହନୁମାନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ପ୍ରସାଦ ବିତରଣ କରାଯାଇଥିଲା। ସେହିପରି ଚାଟେଶ୍ୱର, ଗଙ୍ଗେଶ୍ୱର, ବିପ୍ରେଶ୍ୱର, ମୁକ୍ତେଶ୍ୱର, ସୋମନାଥ, ଚନ୍ଦ୍ରଶେଖର, କାଳାଗ୍ନୀ, ବାଲୁଙ୍କେଶ୍ୱର, ଧବଳେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

**ବାଙ୍କୀ,(ସ୍ୱ.ପ୍ର.):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଙ୍କୀ ଅଞ୍ଚଳର ସମସ୍ତ ଜଳ ଉତ୍ସରେ ଭୋରରୁ ଭିଡ ଲାଗିଥିଲା। ସମସ୍ତ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକା, ରଗଡି ମହିମାମଣି, ପାଟପୁର ସିଂହନାଥ ଦେବ, ସୁବର୍ଣ୍ଣପୁର ତୃତୀୟା ଦେବ, ଚକାପଦା ଅଖଣ୍ଡେଶ୍ୱର, ଡମପଡ଼ା ଗିରିଧାରୀଦେବଙ୍କ ମନ୍ଦିର, ବୈଦ୍ୟେଶ୍ୱର ରାମନାଥଦେବ ଆଦି ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ସେହିପରି ରାମନାଥଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସାଧବ ଏବଂ ସାଧବ ବୋହୂମାନେ ବୈଦ୍ୟେଶ୍ୱର ଘାଟରେ ଏକ ଶୋଭାଯାତ୍ରାରେ ପହଞ୍ଚିବା ପରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ରହ୍ମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ।

# ବୁଢେଶ୍ୱରଙ୍କ ବାଲିଯାତ୍ରା ଆରମ୍ଭ

**ତିଗିରିଆ,୨୩।୧୧(ଡି.ଏନ.ଏ.)**

ତିଗିରିଆ ହାଟମାଳର ପୁରାତନ ଶୈବପୀଠ ବୁଢେଶ୍ୱର ମହାଦେବଙ୍କ ବାଲିଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୪ଦିନ ଧରି ଚାଲିବ। ଯାତ୍ରାର ପ୍ରଥମ ଦିନରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଛି। ପଡ଼ୋଶୀ ଶୁଣ୍ଡିପାଳର ଦଧିବାମନଜୀଉ ଓ ହାଟମାଳର ରାଧାକୃଷ୍ଣଙ୍କ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଶିବ ପାର୍ବତୀଙ୍କ ସହିତ ପାରମ୍ପରିକ ଘୋଡ଼ା, ହାତୀ, ସିଂହ, କାଳପୁରୁଷ, ବୁଢ଼ୀବୁଢ଼ା ନାଚ ଓ ଘୋଡ଼ାନାଚ ସାମିଲ ହୋଇଥିଲା। ତିନି ପୀଠର ଦେବଦେବୀଙ୍କ ଶୋଭାଯାତ୍ରା ମହାନଦୀ କୂଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ତିଗିରିଆ ଓ ବାଙ୍କୀ ଉତ୍ତର କୁଲାଟ ସମେତ ମହାନଦୀ ପାର ହୋଇ ବାଙ୍କୀ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପୀଠରେ ଭିଡ଼ ଜମାଇଥିଲେ। ବୁଢେଶ୍ୱରଙ୍କ ପୀଠ ସହିତ ତ୍ରିକୋଣୀୟରେ ମାତ୍ର ଗୋଟିଏ କିଲୋମିଟରର ବ୍ୟବଧାନରେ ବିରାଜିତ ଐଶାନେଶ୍ୱର ମହାଦେବ, ଦଶଭୁଜା ମା'ଦୁର୍ଗା ଓ ଦଧିବାମନଜୀଉଙ୍କ ପୀଠ ଲୋକାରଣ୍ୟ ହୋଇ ପଡ଼ିଥିଲା।





ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତାକୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।

- ଟମାସ କାର୍ଲାଇଲ



## ଦ୍ୱାଦଶ ରାଜ୍ୟସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ

# ସୁବ୍ରତ ସାମନ୍ତରା ପାଇଲେ ସାଧବ ସମ୍ମାନ

**କଟକ ଅଫିସ, ୨୩।୧୧**

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ଦ୍ୱାଦଶ ରାଜ୍ୟସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଉତ୍ତମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ଦି ଅଲ୍ ଓଡ଼ିଶା ତୈଳିକ ବୈଶ୍ୟ ମହାସଭା ସଭାପତି କୃଷ୍ଣଚନ୍ଦ୍ର ପୃଷ୍ଟି, ମୁଖ୍ୟଅତିଥି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ୱତନ୍ତ୍ର ଅତିଥି ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ସେବକ ନରସିଂହ ପୂଜାପଣ୍ଡା ସାମନ୍ତ, ମୁଖ୍ୟବକ୍ତା ଭାବେ କମ୍ପ୍ୟୁଟର ଲ୍ୟାବ ଅଧକ୍ଷ ସନ୍ତୋଷ ଯୋଗଦେଇଥିଲେ। ସି.ଏସ୍. ସରୋଜ କୁମାର ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ସମସ୍ତ ଉଚ୍ଚଶିକ୍ଷା କ୍ଷେତ୍ରରେ ଓବିସି ସଂରକ୍ଷଣ ଓ ଚାକିରି କ୍ଷେତ୍ରରେ ତୁରନ୍ତ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ ନିମନ୍ତେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କର୍ପୋରେଟର ବିଜୟ ସାହୁ, ନମିତା ମଞ୍ଜରୀ ସାହୁ, କଂଗ୍ରେସ କମିଟି ସଭାପତି ମହମ୍ମଦ ମୋକିମ୍, ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ଡା. ଉମେଶ ରାୟ, ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମର୍ଯ୍ୟାଦାଜନକ ସାଧବ ସମ୍ମାନ-୨୦୧୮ ଡା. ସୁବ୍ରତ କୁମାର ସାମନ୍ତରାଙ୍କୁ ପ୍ରଦାନ କରାଯାଇଥିଲା। ଦାମୋଦର ସ୍ମୃତି ସେବା ଓ ସୁସଂଗଠକ ସମ୍ମାନ ଲୋକନାଥ ସାହୁ, ମନୋଜ ସାହୁ, ଦୀପକ ସାହୁ, ଶୈଲେଶ ସାହୁ, ହିମାଂଶୁ ସାହୁ, ଜଗନ୍ନାଥ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ବିଶେଷ ସେବା ସମ୍ମାନ ବିଶ୍ୱଜିତ ସୂର୍ଯ୍ୟବଂଶୀଙ୍କୁ ପ୍ରଦାନ କରାଯାଇଥିଲା। ଏକ ସୁସଜ୍ଜିତ ବୋଇତରେ ପାରମ୍ପରିକ ଓଡ଼ିଆଣୀ ବେଶରେ ୭ ଜଣ ସାଧବାଣୀ ୭ ଜଣ ସାଧବଙ୍କୁ ବନ୍ଦାପନା କରିଥିଲେ। ରବୀନ୍ଦ୍ର ସାହୁଙ୍କ ସମ୍ପାଦନାରେ ସ୍ୱଜାତୀୟ ମୁଖପତ୍ର କଳିଙ୍ଗ ସୌଦାଗର ଉନ୍ମୋଚିତ ହୋଇଥିଲା। ଜିଲା ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସଭାପତି ଭୋଳାନାଥ ସାହୁ ଧନ୍ୟବାଦ ଦେଇଥିଲେ।



କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ମହାନଦୀର ଗଡ଼ଗଡ଼ିଆ ଘାଟରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ସାଧବାଣୀସାଧବ ବେଶଧାରୀ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

# ମଦ ବନ୍ଦ ହେଲେ ସମାଜରେ ୭୦ % ଅପରାଧ କମ୍ ହେବ

**କଟକ ଅଫିସ, ୨୩।୧୧**

ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିରଠାରେ ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀକୁ ଭାଷା ସୁରକ୍ଷା ଦିବସ ଭାବେ ପାଳନ କରାଯାଇଛି। ପ୍ରାରମ୍ଭରେ ଭାଷା ଆନ୍ଦୋଳନର ପ୍ରମୁଖ ପ୍ରବକ୍ତା ପୂର୍ବତନ ଏମ୍‌ପି ବୈଷ୍ଣବ ପରିଡ଼ାଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ସମାଜବାଦୀ, ବିପ୍ଳବୀ, ଭୂଦାନ ଆନ୍ଦୋଳନର ନେତା ତଥା ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଜନସାଧାରଣଙ୍କୁ ଶାସନରେ ସହଭାଗୀ କରିବା ନିମନ୍ତେ ଏବଂ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବ୍ୟବହାର କରିବାକୁ ପ୍ରାଣ ପଣେ ଉଦ୍ୟମ କରିଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଚୌଧୁରୀ ଶରତ ଚନ୍ଦ୍ର ଦାସ, ଭୁବନାନନ୍ଦ ମହାନ୍ତି, ବୈଷ୍ଣବ ପରିଡ଼ା, ମାଧବ ମିଶ୍ର, ବିଦ୍ୟୁତ ଲାଲା, ବନଲତା ସିଂ, ଅରୁଣା ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପତି, ଅଶ୍ୱିନୀ ସେଠୀ, ଗଗନ ଚନ୍ଦ୍ର ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି କଟକ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ମଦମୁକ୍ତ ଓଡିଶା ପାଇଁ ରଣନୀତି ଶୀର୍ଷକ ଏକ ଆଲୋଚନାଚକ୍ର ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାରେ ମଦର ଅପକାରିତା ଓ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିରେ ନିଶା ନିବାରଣ ଅଭିଯାନର ସମ୍ପାଦକ ରମାକାନ୍ତ ମଣ୍ଡଳ କହିଲେ, ନିଶା ଏକ ରାକ୍ଷସ। ଏହା ପରିବାରଠାରୁ ଆରମ୍ଭ କରି ସମାଜକୁ ନଷ୍ଟ କରେ। ମଦ ବନ୍ଦ ହେଲେ ସମାଜର ୭୦ ପ୍ରତିଶତ ଅପରାଧ କମ ହେବା ସହିତ ଏକ ସୁସ୍ଥ ପରିବେଶ ଗଢାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ତତ୍ତ୍ୱବିଦ ପ୍ରହ୍ଲାଦ ସିଂ, କବି ଶୈଳଜ ରବି, ଯୁବ ବାହିନୀର ସଂଯୋଜକ ସତ୍ୟବ୍ରତ ପୃଷ୍ଟି, ସ୍ନାୟୁରୋଗ ବିଶେଷଜ୍ଞ ସୁଧାଂଶୁ ଶେଖର ମିଶ୍ର, ମହିଳା ନେତ୍ରୀ ଅପର୍ଣ୍ଣା ନାୟକ ଯୋଗଦେଇଥିଲେ। ଏହି ଅବସରରେ କଟକ ରେଳଷ୍ଟେଶନରୁ ବାଇକ୍ ଶୋଭାଯାତ୍ରା ଗାନ୍ଧୀଭବନ ପର୍ଯ୍ୟନ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଳୟ ତ୍ରିପାଠୀ, କାହ୍ନୁଚରଣ ବେହୁରା ଓ ଖଗେଶ୍ୱର ବଳ ପରିଚାଳନା କରିଥିଲେ।

# ମହୁମାଛି ଆକ୍ରମଣରେ ଏଏସଆଇ ଆହତ

**ଖୁଣ୍ଟୁଣୀ, ୨୩।୧୧ (ଡି.ଏନ୍.ଏ.)**

ଧବଳେଶ୍ୱରଙ୍କ ପୀଠରୁ ଡ୍ୟୁଟି ସାରି ଶୁକ୍ରବାର ପୂର୍ବାହ୍ନରେ ଗୁରୁଡିଝାଟିଆ ଥାନାକୁ ଫେରୁଥିବା ବେଳେ ସୁନିଆ ମୁହଁ ନିକଟରେ ଏଏସଆଇ ଗଦାଧର ଭୂୟାଁ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ଏହା ସହ ଏଏସଆଇ ଭୂୟାଁଙ୍କ ସହ ଆସୁଥିବା ଜଣେ ହୋମଗାର୍ଡ ଓ ଅନ୍ୟ ଜଣେ ସାଇକେଲ ଆରୋହୀ ମଧ୍ୟ ଏହି ମହୁମାଛି ଆକ୍ରମଣରେ ଆହତ ହୋଇ ଗୁରୁଡିଝାଟିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଫାର୍ମାସିଷ୍ଟ ଅଚ୍ୟୁତାନନ୍ଦ ମିଶ୍ର କହିଛନ୍ତି।

# ବୋଇତ ବନ୍ଦାଣ ଉତ୍ସବ ପାଳିତ

**କଟକ ଅଫିସ/ଚୌଦ୍ୱାର / ଫୁଲନଖରା, ୨୩।୧୧ (ଡି.ଏନ୍.ଏ.)**

ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ କଟକ ଚହଟା ଘାଟରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳୁ ଅନୁଷ୍ଠାନର ସଭାପତି ନମିତା ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଏକ ସୁସଜ୍ଜିତ ବୋଇତକୁ ପୂଜାର୍ଚ୍ଚନା କରାଯାଇ ମହାନଦୀରେ ଭସାଇଥିଲେ। ଏହାପରେ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ବ୍ରଜ ନନ୍ଦ, ସତ୍ୟବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ, ରମାକାନ୍ତ ମହାପାତ୍ର, ଅଦ୍ୱୈତ ଚରଣ ପ୍ରଧାନ, ଦୀପକ ମହନ୍ତ, ମୁରଲୀଧର ଶତପଥୀ, ଶ୍ରୀନିବାସ ରାଉତ, ପ୍ରିୟବ୍ରତ ଦେବତା, ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ଡା. ନିଳାଦ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନକ ଦାସ ଭଜନ ପରିବେଷଣ କରିଥିଲେ।

ଚୌଦ୍ୱାରର ବିରୁପା ନଦୀକୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୌର କର୍ମଚାରୀ ସଂଘ ସଭାପତି ବିଷ୍ଣୁଚରଣ ପରିଡ଼ା, ଅଧାପିକା ପ୍ରଜ୍ଞା ନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ବିଷ୍ଣୁ ଚରଣ ସାହୁ, ସୁବ୍ରତ ସାମଲ, ହରିହର ବେଉରା, ସତ୍ୟବ୍ରତ ଦାସ ଓ ଏସ.କେ. ଜାଭେଦ୍ ଅନ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦୀପକ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଫୁଲନଖରା ଅଞ୍ଚଳର ଶ୍ରଦ୍ଧାଳୁମାନେ ଭୋର ସମୟରେ କୁଆଖାଇ ନଦୀ, ପୋଖରୀ ଓ କେନାଲରେ ବୁଡ ପକାଇ ଡଙ୍ଗା ଭସାଇଥିଲେ। ଏହାପରେ ବିଭିନ୍ନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ।

# ଆଶ୍ରୟକୁ ମିଳିବ ଇନ୍ଦ୍ରଜିତ୍ ଖୁରାନା ପୁରସ୍କାର

**ପୁରୁଣା ଭୁବନେଶ୍ୱର, ୨୩।୧୧ (ଡି.ଏନ.ଏ.)**

ଗୁଡିକା ସମାଜ ମଙ୍ଗଳ ସଙ୍ଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ଇନ୍ଦ୍ରଜିତ୍ ଖୁରାନା ଜାତୀୟ ପୁରସ୍କାର ଚଳିତବର୍ଷ କଟକର 'ଆଶ୍ରୟ ଦି ସେଲଟର' ଅନୁଷ୍ଠାନକୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପୁରସ୍କାର ବାବଦ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଶୁକ୍ରବାର ଶ୍ରୀରାମ ନଗରସ୍ଥିତ ଚାଇଲ୍ଡ ଲାଇନ ପକ୍ଷରୁ ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗୁଡିକାର ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ପ୍ରଫେସର ଡ. ନାରାୟଣ ରାଓ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସ୍ୱର୍ଗତ ଇନ୍ଦ୍ରଜିତ୍ ଖୁରାନାଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ରାମେଶ୍ୱର ପ୍ରସାଦ ଦ୍ୱିବେଦୀ ଏବଂ ହେମନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ।

# ଦେବୀନଦୀର ତ୍ରିବେଣୀ ଘାଟରେ ବାଲିଯାତ୍ରା ଉଦ୍‌ଘାଟିତ

**କଣ୍ଡାପଡା, ୨୩।୧୧ (ଡି.ଏନ୍.ଏ.)**

ସାଇଲୋ ଖାରପଡା ନିକଟସ୍ଥ ଦେବୀନଦୀର ତ୍ରିବେଣୀ ଘାଟରେ ୫ଦିନିଆ ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବାଲିଯାତ୍ରା କମିଟି ଆବାହକ ଡା. ବ୍ରଜନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତ୍ରିବେଣୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବହୁସଂଖ୍ୟାରେ ମହିଳା ଯୋଗଦେଇ ବୋଇତ ବନ୍ଦାଣ ସହ ଦୀପଦାନ, ନଦୀ ବନ୍ଦନା ଓ ଆଳତୀ କରିଥିଲେ। ପ୍ରଗତୀ ଦଳବେହେରା, ଗୋଲାପି ସେନଗୁପ୍ତ, ଲତିକା ମୁଳିଆ, ସନାତନ ପରିଡା, ସରପଞ୍ଚ ସୁବାସ ବିଶ୍ୱାଳ, ବିପିନ ଚନ୍ଦ୍ର ମୁଳିଆ, ଶେଷଦେବ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ମହାନଦୀର ଗଡ଼ଗଡ଼ିଆ ଘାଟରେ ଯୁବତୀମାନେ ଡଙ୍ଗା ଭସାଉଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ନଭେମ୍ବର,୨୦୧୮



ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତାକୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।

- ଟମାସ କାର୍ଲାଇଲ



■ ୧୮୮ କୋଟି ଟଙ୍କା ବ୍ୟୟରେ ଜଳଯୋଗାଣ ପ୍ରକଳ୍ପ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବ ଆଜି

## ଜଟଣୀର ଦୀର୍ଘବର୍ଷର ପାଣି ସମସ୍ୟା ଦୂର ହେବ

ଜଟଣୀ,୨୩।୧୧(ଡି.ଏନ.ଏ):

କଟକ ମୁଣ୍ଡଳୀରୁ ପାଇପ୍ ଲାଇନ୍‌ରେ ଆସିବ ପାଣି। ଜଟଣୀ ଓ ଖୋର୍ଦ୍ଧାର ଦୀର୍ଘବର୍ଷ ପାଣି ସମସ୍ୟା ଦୂର ହେବ। ଏହିପରି ୫ ବର୍ଷ ହେବ ସ୍ଥାନୀୟ ବାସିନ୍ଦା ଶୁଣି ଆସୁଥିଲେ। ଏବେ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତଃ ହୋଇଛି। ଶନିବାର ଏହି ବିସ୍ତୃତ ଜଳଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଯାଉଛି। କେବଳ ଜଟଣୀ ସହରବାସିନ୍ଦା ଉପକୃତ ହେବେ ନାହିଁ, ଏଠାରେ ଥିବା ନାଇଜର, ଆଇଆଇଟି ସମେତ ଇଡ୍‌କୋ ମଧ୍ୟ ସୁବିଧା ପାଇପାରିବ। ଏହାସହ ଖୋର୍ଦ୍ଧା ମ୍ୟୁନିସିପାଲିଟିକୁ ଏହି ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯିବ। ୨୦୧୭ ମଧ୍ୟରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। ହେଲେ ମୁଣ୍ଡଳୀରୁ ଏଠାକୁ ପ୍ରାୟ ୫୦ କି.ମି. ଦୂର ମାଟି ତଳେ ପାଇପ୍‌ଲାଇନ ଆସିବା ନେଇ ଏହି ବିଳମ୍ବ ହୋଇଥିବା ଜାଣିବାକୁ ମିଳିଛି। ଆସିବା ପଥରେ ବହୁ ଘରୋଇ ଓ ଜଙ୍ଗଲ ଜମି ରହିଥିବାରୁ ଏଥିପାଇଁ ଉପୁଜିଥିବା କେତେକ ସମସ୍ୟା ବିଳମ୍ବ ହେବାର କାରଣ ବୋଲି ଜନସ୍ୱାର୍ଥ ବିଭାଗର ଜନୈକ ଯନ୍ତ୍ରୀ କହିଛନ୍ତି। ପିପିପି ମୋଡରେ ଏହାର କାର୍ଯ୍ୟ ସମ୍ପାଦନ ହୋଇଛି। ଏହି ଜଳଯୋଗାଣ ପ୍ରକଳ୍ପ ପାଇଁ ୧୮୭ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ମୁଣ୍ଡଳୀ ବ୍ୟାରେଜରୁ ନନ୍ଦନକାନନ, ଚନ୍ଦକା, ମେଣ୍ଢାଶାଳ, ଜଟଣୀ ଓ ଖୋର୍ଦ୍ଧା ପର୍ଯ୍ୟନ୍ତ ଏହି ପାଇପ ଲାଇନ୍ ବିଛାଯାଇଛି। ମୁଣ୍ଡଳୀଠାରେ ସ୍ୱତନ୍ତ୍ର ଭାବେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଇଛି। ଏଠାରେ ୮୩୦ ଲକ୍ଷ ଲିଟର ପାଣିକୁ ଟ୍ରିଟ୍‌ମେଣ୍ଟ ହେବା ଭଳି ବ୍ୟବସ୍ଥା ରହିଛି। ସେଠାରୁ ପାଣି ଆସିବା ପରେ ମେଣ୍ଢାଶାଳରେ ହୋଇଥିବା ୧୩୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଜଳଭଣ୍ଡାରରେ ପାଣି ପ୍ରଥମେ ଗଚ୍ଛିତ ରହିବ। ପରେ ଜଟଣୀ ଓ ଖୋର୍ଦ୍ଧାଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ଜଳଭଣ୍ଡାର ବା ଓଭରହେଡ୍ ଟ୍ୟାଙ୍କରେ ଜଳ ସଂରକ୍ଷଣ କରାଯିବ। ସହଭାଗିତାରେ ଏପରି ଜଳଯୋଗାଣ ପ୍ରକଳ୍ପ ରାଜ୍ୟରେ ପ୍ରଥମ ବୋଲି ଜଣାପଡିଛି। କାରଣ ପିପିପି ମୋଡ୍‌ରେ ଏକ ଘରୋଇ ସଂସ୍ଥା ଦ୍ୱାରା ଏହି ପ୍ରକଳ୍ପ କରାଯାଇଛି। ୨୫ ବର୍ଷ ପର୍ଯ୍ୟନ୍ତ ଏହି ସଂସ୍ଥା ଏହାର ସମସ୍ତ ରକ୍ଷଣାବେକ୍ଷଣ ମଧ୍ୟ କରିବ। ଏହାଛଡ଼ା ଜଳଯୋଗାଣ ବାବଦ ପ୍ରାପ୍ୟ ସମ୍ପୃକ୍ତ ଘରୋଇ ସଂସ୍ଥା ସଂଗ୍ରହ କରିବ। ଏଥିପାଇଁ ଘରକୁ ସଂଯୋଗ ହେବାକୁ ଥିବା ପାଇପ୍ ଲାଇନରେ ମିଟର ବ୍ୟବସ୍ଥା ହେବ। ଏହି ବୃହତ୍ ପ୍ରକଳ୍ପ ଉଦ୍‌ଘାଟନ ସହ ମୁଖ୍ୟମନ୍ତ୍ରୀ ୯୫ଟି ପୌରାଞ୍ଚଳରେ ଥିବା ୫୦୦ଟି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରିବେ।

# ବଧୂ ହତ୍ୟା ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୩।୧୧:

ଜଙ୍କିଆ ଥାନା ଗୋଲବାଇରେ ପୂଜା ସାହୁ ନାମ୍ନୀ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ରେ ନଂ. ୧୭୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଟାଙ୍ଗୀ ଥାନା ନାଲିଗାଡ଼ିଆ ଗାଁର ପୂଜା ୨୦୧୫ରେ ଜଙ୍କିଆ ଥାନା ଗୋଲବାଇ ଗାଁର ସୁଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ସମ୍ପୃକ୍ତ ଦମ୍ପତି ଭଲରେ ଚଳୁଥିଲେ। ପରେ ଅଧିକ ଯୌତୁକ ଆଣିବାକୁ ପୂଜାଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ପୂଜା ବାପ ଘରର ଅସାମର୍ଥ୍ୟ ପ୍ରକାଶ କରିବା ପରେ ଶାଶୁଘର ପକ୍ଷରୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗୁରୁବାର ରାତିରେ ପୂଜାକୁ ମାରି ଦିଆଯାଇଥିବା ଭାଇ ମନୋଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ ମରଣ ସହ ଯୁଝୁଛନ୍ତି ଝୁନୁଲତା

# ଚିକିତ୍ସା ପାଇଁ ପାଖରେ ନାହିଁ ଅର୍ଥ

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୩।୧୧(ଡି.ଏନ.ଏ.)

କ୍ୟାନସର ରୋଗ ଛଡାଇ ନେଇଛି ହସଖୁସୀ। ୨୩ ବର୍ଷର ମହିଳା ବୟସ୍କାଙ୍କ ଭଳି ଦେଖାଯାଉଛନ୍ତି। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ରୋଗ ଯୋଗୁ ଭୋକ ଶୋଷ ହେଉନି। ୧୫ ଦିନ ହେଲା ଶଯ୍ୟାଶାୟୀ ହୋଇ ମରଣ ସହ ଯୁଝୁଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ବାଙ୍କୋଇ ପଞ୍ଚାୟତ ଦୁର୍ଗାପୁର ଗାଁର ଝୁନୁଲତା ପ୍ରଧାନ। ଏଭଳିସ୍ଥଳେ ପାଖରେ ୨ ଶିଶୁ କାନ୍ଦ ବୋବାଳି କରି ପଡି ରହିଛନ୍ତି। ଦିନେ ପାଠପଢ଼ି ଗଲେ ୫ଦିନ ଯାଉ ନାହାନ୍ତି। ଖାଇବା ପିଇବା ବି ଠିକ୍‌ରେ କରି ପାରୁନାହାନ୍ତି।

ଦୁର୍ଗାପୁର ଗାଁର ବିଭୁ ପ୍ରଧାନ ଜଣେ ଦିନ ମଜୁରିଆ। ଜମି ବାଡି ଆଦୌ ନାହିଁ। କେବଳ ଘର ଖଣ୍ଡିଏ ରହିଛି। ଦୁଇ ପୁଅ ସ୍ତ୍ରୀଙ୍କୁ ନେଇ ଛୋଟ ସଂସାର। ଯାହା ରୋଜଗାର ହୁଏ ଛୋଟ ପରିବାର ଖୁସିରେ



ଶଯ୍ୟାଶାୟୀ ଝୁନୁଲତା।

ଚଳିଯାନ୍ତି। ବଡପୁଅ ୨ୟ କ୍ଲାସରେ ଓ ସାନପୁଅ ଅଙ୍ଗନୱାଡିରେ ପଢ଼ନ୍ତି। ପ୍ରାୟ ୭ମାସ ତଳେ ବିଭୁଙ୍କର ସ୍ତ୍ରୀ ଝୁନୁଲତା ପେଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଚିକିତ୍ସିତ ହେଲା ପରେ ରୋଗ ଭଲ ହୋଇ ନ ଥିଲା। ପରେ ଏମସ୍‌ରେ ଭର୍ତ୍ତି ହୋଇଥିଲେ। ପେଟ ଅପରେଶନ ପରେ କ୍ୟାନସର ହୋଇଥିବା ଜଣାପଡିଥିଲା। ଏହା ଜଣାପଡିବା ପରେ ବିଭୁଙ୍କୁ ଚିନ୍ତା ମାଡି ବସିଥିଲା। ତଥାପି ଭାଙ୍ଗି ନ ପଡି ସ୍ତ୍ରୀଙ୍କ ଚିକିତ୍ସା କରାଇଲେ। ୬ଟି କେମୋ ଦିଆଗଲା। ଅର୍ଥାଭାବ ଯୋଗୁ ଆଉ କେମୋ ଦେଇ ନ ପାରି ଘରକୁ ଚାଲି ଆସିଲେ ଝୁନୁଲତା। ତେବେ ଏବେ ୧୫ ଦିନ ହେଲା ରୋଗ ବଢି ଯାଇଛି। ଖାଇବାକୁ ଭୋକ ଲାଗୁନି। ଖାଦ୍ୟ ଅଭାବରୁ ଝୁନୁଲତା ବୁଢୀ ପରି ଦିଶିଲେଣି। ଅନ୍ୟପକ୍ଷେ କଷ୍ଟ ସହି ନ ପାରି ଝୁନୁଲତା ୩ ଥର ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ସାରିଲେଣି। ତେବେ ପରିବାର ଲୋକେ ୩ଥର ରକ୍ଷା କରି ସାରିଲେଣି। ଏବେ ଝୁନୁଲତାଙ୍କୁ ଜଗିବାକୁ ପଡୁଛି। ସ୍ୱାମୀ ବିଭୁ ଆଉ କାମ କରିବାକୁ ଯାଇ ପାରୁନାହାନ୍ତି। ରୋଜଗାର ନ ଥିବାରୁ ଘରେ ଚୁଲି ଜଳୁନି। କେତେଜଣ ଆତ୍ମୀୟଙ୍କ ସହଯୋଗରେ ଯଦିବା କିଛିଦିନ ହେଲା ଚଳିଗଲାଣି, ସବୁଦିନ ଏହା ସମ୍ଭବ ନୁହେଁ। ବିଭୁ ସ୍ତ୍ରୀଙ୍କୁ ଭଲ କରିବାକୁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏ ନେଇ ଉପଜିଲାପାଳ ସରୋଜ ସାହୁ ଓ ସିଡିଏମ୍‌ଓ ଭାରତି ଭୂଷଣ ବରାଳ କୁହନ୍ତି, ଝୁନୁବାଳାଙ୍କ ଚିକିତ୍ସା ପାଇଁ ସରକାରୀ ସ୍ତରରେ ଯାହା କିଛି କରାଯିବ ସେ ନେଇ ପଦକ୍ଷେପ ନିଆଯିବ।

# ନିଆଁରେ ପୋଡ଼ି ହୋଇ ଚିକିତ୍ସାଧୀନ ବୃଦ୍ଧାଙ୍କ ମୃତ୍ୟୁ

ଯାଁଳା,୨୩।୧୧(ଡି.ଏନ.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମରେ ନିଆଁରେ ପୋଡି ହୋଇ ଚିକିତ୍ସାଧୀନ ଥିବା ବୃଦ୍ଧାଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ ବୃଦ୍ଧାଙ୍କ ନାମ ଉମାରାଣୀ ମହାପାତ୍ର (୮୦)। ସିଲିଣ୍ଡର ବା ଏହାର ପାଇପ୍‌ରୁ ଲିକ ଗ୍ୟାସ୍‌ରେ ନିଆଁ ଲାଗି ଚଳିତ ମାସ ୧୨ ତାରିଖରେ ଏପରି ଘଟିଥିଲା। ସେଦିନ ରାତି ପ୍ରାୟ ୧୧ଟାରେ କ୍ଷୀର ଗରମ କରିବାକୁ ଡିବିରି ଧରି କବାଟ ଖୋଲି ରୋଷେଇ ଘରକୁ ପଶିବା ମାତ୍ରେ ହଠାତ୍ ନିଆଁ ଜଳି ଉଠି ତାଙ୍କ ଦେହରେ ଲାଗି ପୋଡି ଯାଇଥିଲା। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ, କଟକ ବଡ଼ ମେଡିକାଲ ଓ ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବା ଅବସ୍ଥାରେ ୧୨ ଦିନ ପରେ ତାଙ୍କର ମୃତ୍ୟୁ ଘଟିଛି।

# ଟିଭିଏସ୍ ପକ୍ଷରୁ ଲକି ଡ୍ର କାର୍ଯ୍ୟକ୍ରମ

ବାଲୁଗାଁ,୨୩।୧୧(ଡି.ଏନ.ଏ.)




ଶୁକ୍ରବାର ସ୍ଥାନୀୟ ଟିଭିଏସ୍ ଶୋରୁମ୍ ପକ୍ଷରୁ ଏକ ଲକି ଡ୍ର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବାଲୁଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ତାଳପଡ଼ା ଅଞ୍ଚଳର ବିଶ୍ୱଜିତ୍ ସାହୁ ପ୍ରଥମ, ବାଣପୁର ବାଲିପଦରର ପଞ୍ଚେଇ ପରିଡ଼ା ଦ୍ୱିତୀୟ, ବାଣପୁର ସାନହନ୍ତୁଆଡ଼ର ସୁଚିସ୍ମିତା ବେହେରା ତୃତୀୟ, କେ ରାମଚନ୍ଦ୍ରପୁର ଗଞ୍ଜାମର ଶଶାଙ୍କ ଶେଖର ତ୍ରିପାଠୀ ଚତୁର୍ଥ ଓ ସିଂଘରାମ ଗୋଡ଼ିସାହି ଟାଙ୍ଗିର ବାସୁଦେବ ଗୌଡ଼ ପଞ୍ଚମ ସ୍ଥାନ ହାସଲ କରି ପୁରସ୍କାର ପାଇଥିଲେ। ଶୋରୁମ୍ ଏମ୍‌ଡ଼ି ସତ୍ୟନାରାୟଣ ପାତ୍ର, ବରିଷ୍ଠ ନାଗରିକ ମୁରଲୀ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# କଦଳୀ ପଟୁକା ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

ବୋଲଗଡ଼,୨୩।୧୧(ଡି.ଏନ.ଏ.)

ହିନ୍ଦୁ ପରମ୍ପରାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଲଗଡ଼ ବ୍ଲକ୍‌ର ବିଭିନ୍ନ ଜଳାଶ୍ରୟ ଓ ପୋଖରୀରେ ଶ୍ରଦ୍ଧାଳୁମାନେ ଶୁକ୍ରବାର ସକାଳୁ ସ୍ନାନ ସାରି ଆ.କା.ମା.ବୈ. ପରମ୍ପରା ଅନୁସାରେ କଦଳୀ ପଟୁକା ନିର୍ମିତ ଡଙ୍ଗା ଭସାଇଥିଲେ। ଭକ୍ତିମୟ ଓ ଉତ୍ସବମୁଖର ପରିବେଶ ମଧ୍ୟରେ ଦେବାଳୟଗୁଡ଼ିକରେ ପୂଜାର୍ଚ୍ଚନା ଓ ଦେବଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ ଜମିଥିଲା। ବିଶେଷ ଭାବେ ବାଙ୍କୋଇସ୍ଥିତ ଶ୍ରୀ ତାରେଶ୍ୱର ଦେବ ମନ୍ଦିରଠାରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତିବର୍ଷ ଭଳି ଏଠାରେ ପୂର୍ଣ୍ଣମୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଉଠାଦୋକାନ, ପସରାରେ ଭିଡ଼ ଲାଗି ରହିଥିଲା। ଦେବାଳୟଗୁଡ଼ିକ ଉତ୍ସବ ମୁଖର ହୋଇ ଉଠିଥିଲା।



ପୋଖରୀରେ ଡଙ୍ଗା ଭସାଉଛନ୍ତି ଶ୍ରଦ୍ଧାଳୁ।

# ଖୋର୍ଦ୍ଧା ସୁପର ଲିଗ୍ ଫୁଟ୍‌ବଲ ମ୍ୟାଚ୍ ଡ୍ର

ଖୋର୍ଦ୍ଧା ଅଫିସ,୨୩।୧୧:

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଖୋର୍ଦ୍ଧା ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ଶୁକ୍ରବାର ମ୍ୟାଚ ଡ୍ର ରହିଛି। ଏଣୁ ଆୟୋଜକ ଜୟଦୁର୍ଗା କ୍ଲବ ଓ ରାଧାଚରଣପୁର ଶବର ସ୍ପୋର୍ଟିଂ ସମାନ ପଏଣ୍ଟ ପାଇଛନ୍ତି। ପ୍ରଫୁଲ୍ଲ ବେହେରା, ଦିଲୀପ କର, ଅରୁଣ ଦାସ, କିଶୋର ସେଠୀ ଖେଳ ପରିଚାଳନା କରିଥିଲେ।

# ରାସ ପୂର୍ଣ୍ଣିମା : ସାଗର ଶ୍ରୀକ୍ଷେତ୍ର ଉତ୍ସବମୁଖର

କୃଷ୍ଣପ୍ରସାଦ,୨୩।୧୧(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଚିଲିକା ମଧ୍ୟବର୍ତ୍ତୀ ଅଞ୍ଚଳ ହେଉଛି ଚକାନାସୀ। ଏଠାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ୨ ବର୍ଷ ରହିଥିଲେ, ଯାହାକୁ ସାଗର ଶ୍ରୀକ୍ଷେତ୍ର କୁହାଯାଏ। ଏକ କୁଦରେ ୩ଟି ଚକା ପଥରରେ ୩ ଠାକୁର ଅବସ୍ଥାନ କରିଥିଲେ ବୋଲି ଏହି ସ୍ଥାନକୁ ଚକାନାସୀ କୁହାଯାଏ। କଳାପାହାଡ ଭୟରେ ଶ୍ରୀଜୀଉମାନଙ୍କୁ ଗୁପ୍ତରେ ଏଠାରେ ଅବସ୍ଥାନ କରିଥିଲେ ବୋଲି ଏହି ସ୍ଥାନକୁ ଜଗନ୍ନାଥଙ୍କ ଗୁପ୍ତ ଲୀଳାପୀଠ ମଧ୍ୟ କୁହାଯାଏ। ତେବେ ଚକାନାସୀରେ ପ୍ରତିଦିନ ଠାକୁରଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ପ୍ରତିବର୍ଷ ଏଠାରେ ରାସପୂର୍ଣ୍ଣିମା ଅବସରରେ ପୀଠଟି ୫ ଦିନ ଧରି ଚଳଚଞ୍ଚଳ ହୋଇଉଠେ। ସାତପଡ଼ା, ଜହ୍ନିକୁଦା, ଚିଲିକା ଦେଇ ଭକ୍ତ ଓ ବିଦେଶୀ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ସୁସଜ୍ଜିତ ନୌକାରେ ଠାକୁରଙ୍କ ଚାପ ଖେଳ ହୋଇଥାଏ। ପୌରାଣିକ ଆଖ୍ୟା ଅନୁସାରେ ମାଣିକ, ବିଦୂର, ଶବରୀ ଆଦି ବେଶଧରି ଭକ୍ତଙ୍କୁ କୋଳି ଆଦି ବଣ୍ଟନ କରାଯାଇଥାଏ। ଏହା ହେଉଛି ଏକ ବିଶ୍ୱର ଭିନ୍ନ ପରମ୍ପରା। ଏହି ପୀଠକୁ ଆସି ପାଖରେ ଥିବା ଚିଲିକାରେ ପର୍ଯ୍ୟଟକମାନେ ନୌବିହାର ମଜା ଉଠାଇଥାନ୍ତି। ଏହି ସ୍ଥାନର ବିକାଶ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ତଦନ୍ତ ପୂର୍ବକ ପ୍ରତିଶ୍ରୁତି ମିଳିଛି ହେଲେ ଏହା କେବେ କାର୍ଯ୍ୟକାରୀ ହେବ ସେ ନେଇ ଜନସାଧାରଣ ଅପେକ୍ଷା କରିଛନ୍ତି।





ଯେଉଁ ବ୍ୟକ୍ତି ସର୍ବଦା କର୍ମରତ, ତା'ଙ୍କୁ ନିଜ ଦୁଃଖ ପାଇଁ କାନ୍ଦିବାକୁ ବେଳ ନ ଥାଏ।
- ଟମାସ କାର୍ଲାଇଲ



## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଉଦ୍‌ଯାପିତ

**ପୁରୀ ଅଫିସ,୨୩।୧୧:** ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଦୁଇଦିନିଆ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନାମ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସେବାୟତ ଭଗବାନ ସୁଆର ମୁଖ୍ୟଅତିଥି, ସାମାଜିକ କର୍ମୀ ଅଭିମନ୍ୟୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସମାରୋହକୁ କବି ବିଶ୍ୱମ୍ଭର ସାହୁ ଓ ନରେନ୍ଦ୍ର ଜେନା ସଂଯୋଜନା କରିଥିଲେ।

■ ୨୬ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ପୁରୀ ହିଂସା, ସୁପ୍ରିମକୋର୍ଟରେ ମାମଲା ପ୍ରସଙ୍ଗକୁ ନେଇ ହେବ ସରଗରମ

■ କାର୍ତ୍ତିକ ନୀତିର ହେବ ସମୀକ୍ଷା

■ ଜମି ବିକ୍ରି ସଂକ୍ରାନ୍ତରେ ହେବ ଆଲୋଚନା

**ପୁରୀ ଅଫିସ, ୨୩।୧୧**

ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ଆସନ୍ତା ୩୦ ତାରିଖରେ ରହିଛି। ଏହାର ୪ଦିନ ପୂର୍ବରୁ ଅର୍ଥାତ୍ ଆସନ୍ତା ୨୬ ତାରିଖରେ ବସିବ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ। ଏଥିରେ ଆଲୋଚନା ଲାଗି ସମୁଦାୟ ୮ଟି ଏଜେଣ୍ଡା ରହିଥିବା ଜଣାପଡିଛି। ସୁପ୍ରିମକୋର୍ଟ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧, ୨ ଏବଂ ୧୨ ନମ୍ବର ପ୍ରସ୍ତାବ ଅନୁପାଳନ ନିମନ୍ତେ ବୈଠକରେ ଆଲୋଚନା ହେବାକୁ ରହିଛି। ବଂଶାନୁକ୍ରମିକ ସେବା ଉଚ୍ଛେଦ, ଅନ୍ନଦାନ ଆଟିକା ଉଚ୍ଛେଦ ଓ ଥାଳି, ଗରାରେ ଦାନ ଆଦାୟ ବନ୍ଦ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ର ସଂଶୋଧନ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା ହେବ। ସୁପ୍ରିମକୋର୍ଟରେ ପୁରୀ ହିଂସା ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ନିକଟରେ ରୁଜୁ ହୋଇଥିବା ମାମଲା ଏବଂ ଗତ ଅକ୍ଟୋବର ୩ରେ ପୁରୀ ବନ୍ଦ ବେଳେ ଘଟିଥିବା ହିଂସାରେ ଶ୍ରୀମନ୍ଦିର ପ୍ରଶାସନର କ୍ଷୟକ୍ଷତିର ଆକଳନ ଓ ପୁନଃ ନିର୍ମାଣ ଉପରେ ଆଲୋଚନା ରହିଛି। ଶ୍ରୀମନ୍ଦିରରେ କାର୍ତ୍ତିକ ନୀତିର ସମୀକ୍ଷା କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ଜମି ବିକ୍ରି ସଂକ୍ରାନ୍ତରେ ଗୃହୀତ ହୋଇଥିବା ପଦକ୍ଷେପ ଉପରେ ସମୀକ୍ଷା ହେବ। ସଂସ୍ଥା ସବ୍‌କମିଟିର ରିପୋର୍ଟ ଉପସ୍ଥାପନ ହେବ। ପୂର୍ବ ପରିଚାଳନା କମିଟିର ବିବରଣୀ ଅନୁପାଳନ ନିମନ୍ତେ ଗୃହୀତ କରାଯିବ ବୋଲି ଜଣାପଡିଛି। ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଆଲୋଚନା ଲାଗି ରହିଥିବାରୁ ବୈଠକ ସରଗରମ ହେବ ବୋଲି କୁହାଯାଉଛି।

### ପଥରଡିହ ଗ୍ରାମରେ ଗୋଷ୍ଠୀସଂଘର୍ଷ ଘଟଣା: ଜଣେ ଗିରଫ

**କଣାସ, ୨୩।୧୧(ଡି.ଏନ୍.ଏ.):** ଚାଇଁପୁର ପଞ୍ଚାୟତ ପଥରଡିହ ଗ୍ରାମର କୋଠଘର ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ଆକ୍ରମଣ ଘଟଣାରେ ଡେଲାଙ୍ଗ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ପଥରଡିହ ଗ୍ରାମର କାବୁଲି ଦାସ (୨୮)। ପରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡା ଜେଲକୁ ପଠାଇ ଦିଆଯାଇଥିବା ଇନ୍ସପେକ୍ଟର ଅସୀତରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆମଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ପଥରଡିହ ଗ୍ରାମର କୋଠଘର ନିର୍ମାଣକୁ ନେଇ ୨ଗୋଷ୍ଠୀ ମଧ୍ୟରେ ବିବାଦ ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗତ ସୋମବାର ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଥିବା ସହ ପରସ୍ପର ବିରୋଧୀଙ୍କ ଘରେ ନିଆଁ ଲଗାଇ ଦେଇଥିଲେ।



ରାଜାଧିରାଜ ବେଶରେ ମହାପ୍ରଭୁ ଅଲାରନାଥ।

## ରାଜାଧିରାଜ ବେଶରେ ଦର୍ଶନ ଦେଲେ ଅଲାରନାଥ

**ବ୍ରହ୍ମଗିରି, ୨୩।୧୧(ଡି.ଏନ୍.ଏ.)**

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ମହାପ୍ରଭୁ ଅଲାରନାଥ ରାଜାଧିରାଜ ବେଶରେ ଦର୍ଶନ ଦେଇଛନ୍ତି। କାର୍ତ୍ତିକ ମାସ ସାରା ମହାପ୍ରଭୁ ଅଲାରନାଥ ରାଧା ଦାମୋଦର ବେଶରେ ସୁସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିବା ସମୟରେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଏହା ଏକ ସ୍ୱତନ୍ତ୍ର ବେଶ। ସକାଳୁ ମନ୍ଦିର ଖୋଲି ସମସ୍ତ ନୀତି କାନ୍ତି ସରିବା ପରେ ଶ୍ରୀଜୀଉଙ୍କୁ ରାଜାଙ୍କ ପରିପାଟୀରେ ସଜ୍ଜିତ କରାଯାଇଥିଲା। ପରେ ମହାପ୍ରଭୁ ସର୍ବସାଧାରଣ ଦର୍ଶନ ଦେଇଥିଲେ। ଏହି ବେଶ ସନ୍ଧ୍ୟା ପରେ ଓଲାଗି ହୋଇଥିଲା। କାର୍ତ୍ତିକ ମାସ ଶେଷ ହୋଇଥିବାରୁ ମହାପ୍ରଭୁଙ୍କ ଏହି ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଓ ହବିଷିଆଳିଙ୍କ ଭିଡ଼ ଜମିଥିଲା।



ପଦ୍ମବିଭୂଷଣ ତଥା ରାଜ୍ୟସଭା ସଦସ୍ୟ ରଘୁନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିଶ୍ୱରେ ଯୋଗ ଓ ଆୟୁର୍ବେଦର ଚାହିଦା ବଢୁଛି

■ ଦୈନିକ ୪କୋଟି ବିଦେଶୀ ଯୋଗ କରୁଛନ୍ତି

**ପୁରୀ ଅଫିସ, ୨୩।୧୧**

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅତି ପ୍ରାଚୀନ। ପୂର୍ବରୁ ଆୟୁର୍ବେଦକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ବହୁଳ ପ୍ରଚାର ପ୍ରସାର ଯୋଗୁ ଏବେ ଏହା ଆଦୃତି ଲାଭ କରିଛି ବୋଲି ତ୍ରିଦିବସୀୟ ଆୟୁର୍ବେଦ ପର୍ବ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷକ ପ୍ରଫେସର ରାଧାମାଧବ କହିଛନ୍ତି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପ୍ରୋତ୍ସାହନରେ ବିନୋବା ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଶୁକ୍ରବାର ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଏହି କର୍ମଶାଳା ଆରମ୍ଭ ହୋଇଛି। ପ୍ରତିଷ୍ଠାନର ସମ୍ପାଦକ ମନୋଜ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଆୟୁର୍ବେଦ ହେଉଛି ଜୀବନର ଆଧାର। ଏହା ଉପରେ ଅଧିକରୁ ଅଧିକ ଗବେଷଣା ହେବା ଜରୁରୀ।

ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଆୟୁର୍ବେଦ ବିଶେଷଜ୍ଞ ଡା. ମଦନ ମୋହନ ପାଢ଼ୀ କହିଲେ, ବିଶ୍ୱରେ ଆୟୁର୍ବେଦର ଚାହିଦା ବୃଦ୍ଧି ପାଇଛି। ଏସିଆ ମହାଦେଶର ଅଧିକାଂଶ ଦେଶ ଆୟୁର୍ବେଦ ଚିକିତ୍ସା ଉପରେ ଗୁରୁତ୍ୱ ଦେଉଛନ୍ତି। ବିଦେଶରେ ମଧ୍ୟ ଯୋଗ ଉପରେ ଗବେଷଣା ଚାଲିଛି। ଦୈନିକ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ବିଦେଶୀ ଯୋଗ କରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ଡା. ସୁଦର୍ଶନ ବେହେରା, ବରିଷ୍ଠ ଡା. ହକିମୁଦ୍ଦିନ ଖାନ୍, ଡା. ଉମାକାନ୍ତ ପାଢୀ, ଡା. ପ୍ରଜ୍ଞା ପାରମିତା, ଡା. ସଲଭ ରାଜ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏହି ବିଭାଗ ଅଧୀନରେ ମାଗଣା ଚିକିତ୍ସା ମଧ୍ୟ ଆରମ୍ଭ ହୋଇଛି।

## ଜାହାନିଆଁରେ ଲକ୍ଷାଧିକ ଲୋକଙ୍କ ସମାଗମ

**କାକଟପୁର, ୨୩।୧୧(ଡି.ଏନ୍.ଏ.):** ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅସ୍ତରଙ୍ଗ ଉପକୂଳର ସର୍ବଧର୍ମ ସମନ୍ୱୟ ପୀଠସ୍ଥଳୀ ଜାହାନିଆଁଠାରେ ଶୁକ୍ରବାର ଆରମ୍ଭ ହୋଇଛି ପ୍ରସିଦ୍ଧ ବାଲିଯାତ୍ରା। ରାଜ୍ୟର ବିଭିନ୍ନ ସ୍ଥାନରୁ ଓ ରାଜ୍ୟ ବାହାରୁ ଉଭୟ ହିନ୍ଦୁ ଓ ମୁସଲମାନ ଭକ୍ତମାନେ ଭିଡ଼ ଜମାଇଥିଲେ। ଶ୍ରଦ୍ଧାଳୁମାନେ ପୀରଙ୍କ ପୀଠକୁ ଯାଇ କଠଉ ଦର୍ଶନ କରିବା ସହିତ ଚାଦର ଚଢ଼ାଇଥିଲେ। ମାନସିକ କରିଥିବା ଓ ପୂରଣ ହୋଇଥିବା ଭକ୍ତମାନେ ପୀଠର ପଛପାର୍ଶ୍ୱ ବାଲିରେ ନାଲି ପତାକା ପୋତିଥିଲେ। ଶ୍ରଦ୍ଧାଳୁମାନେ ପୀଠରେ ଲିଆ, କଦଳୀ ଭୋଗ ଲାଗି କରିଥିଲେ। ଶ୍ରଦ୍ଧାଳୁମାନେ ସମୁଦ୍ରରେ ସ୍ନାନ କରି ପରିବାର ସହ ଝାଉଁ ଜଙ୍ଗଲରେ ବଣଭୋଜି କରିଥିଲେ। ବାଲିଯାତ୍ରା ପଡ଼ିଆରେ ମେଳାର ଆୟୋଜନ କରାଯାଇଛି। କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଅସ୍ତରଙ୍ଗ ବିଡିଓ ଅଶୋକ ଲେଙ୍କା, ତହସିଲଦାର ଅଶୋକ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ରହି ଯାତ୍ରୀଙ୍କ ସୁବିଧା ପ୍ରତି ଧ୍ୟାନ ରଖିଥିଲେ।

### ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ନୀତି

# ଶୃଙ୍ଖଳିତ ଦର୍ଶନ କଲେ ଶ୍ରଦ୍ଧାଳୁ

■ ୧୧ଟା ୧୦ରେ ବାହାରିଲା ମହାପ୍ରସାଦ

■ ଭିଡ଼ରେ ଜଣେ ହବିଷିଆଳି ଅସୁସ୍ଥ

**ପୁରୀ ଅଫିସ, ୨୩।୧୧**

ଶ୍ରୀମନ୍ଦିରରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟରେ ନୀତି ସମ୍ପନ୍ନ ଯୋଗୁ ଭକ୍ତ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଭିଡ଼ ମଧ୍ୟରେ ଜଣେ ହବିଷିଆଳି ଅସୁସ୍ଥ ହୋଇପଡିଛନ୍ତି।

ମହାପ୍ରଭୁଙ୍କ ସୁନାବେଶକୁ ଦୃଷ୍ଟିରେ ରଖି ଗୁରୁବାର ରାତ୍ର ୧୧ଟା ୪୫ରେ ପହୁଡ଼ କରାଯାଇଥିଲା। ରାତି ୧ଟା ୨୫ରେ ଦ୍ୱାର ଫିଟିଥିବା ବେଳେ ସାଢେ ୨ଟାରେ ମଙ୍ଗଳ ଆଳତି, ୩ଟା ୪୫ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇ ଭୋର ୫ଟା ୧୫ରେ ବେଶ ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ସୁରୁଖୁରରେ ଆଗକୁ ବଢି ପୂର୍ବାହ୍ନ ୧୧ଟା ୧୦ରେ ଭୋଗମଣ୍ଡପ ସରି ମହାପ୍ରସାଦ ବାହାରିଥିଲା।

କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ଗୁରୁବାର ରାତି ସାଢେ ୧୨ଟା ପରଠାରୁ ସିଂହଦ୍ୱାର ସମ୍ମୁଖରେ ଗହଳି ଲାଗିଥିଲା। ଶୁକ୍ରବାର ସକାଳ ହେବା ବେଳକୁ ଲକ୍ଷାଧିକ ଭକ୍ତ ଠାକୁରଙ୍କ ଦର୍ଶନ କରିସାରିଥିଲେ। ଅପରାହ୍ନ ୨ଟା ୨୫ରେ ମହାପ୍ରଭୁଙ୍କ ସୁନାବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଭିଡ଼କୁ ନିୟନ୍ତ୍ରଣ ଲାଗି ସ୍ଥାୟୀ ବ୍ୟାରିକେଡ୍ ସହିତ ଅସ୍ଥାୟୀ ବ୍ୟାରିକେଡ୍ ମଧ୍ୟ କରାଯାଇଥିଲା।

ମନ୍ଦିର ଭିତରେ ଗହଳି ଯୋଗୁ ମୁଣ୍ଡ ବୁଲାଇ ଦେବାରୁ ପୁରୀ ବାଲିପାଟଣାର ହବିଷିଆଳି ବାସନ୍ତୀ ସାହୁ (୮୦) ପଡିଯାଇଥିଲେ। ସମ୍ପର୍କୀୟ ଏବଂ ଡ୍ୟୁଟିରେ ଥିବା ପୋଲିସଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି।

ଶୃଙ୍ଖଳିତ ଦର୍ଶନ, ଶାନ୍ତିଶୃଙ୍ଖଳା ଏବଂ ସୁରକ୍ଷା ବ୍ୟବସ୍ଥା ପାଇଁ ପୁରୀରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ଶୃଙ୍ଖଳା ପାଇଁ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସମସ୍ତ ସେବାୟତ ନିଯୋଗ ଏବଂ ପାଳିଆ ସେବାୟତଙ୍କୁ କୃତଜ୍ଞତା ଜଣାଇଛନ୍ତି।


